


## ସଂକ୍ଷେପରେ

### ଗଞ୍ଜେଇ ଚାଲାଣ ରୋକିବାକୁ ଡିଜିପିଙ୍କ ରଣନୀତି

**ପାରଳାଖେମୁଣ୍ଡି,୧୬।୧୦(ଡି.ଏନ୍.ଏ.):** ରାଜ୍ୟ ପୋଲିସ ମହା ନିର୍ଦ୍ଦେଶକ (ଡିଜିପି) ଅଭୟ ଗୁରୁବାର ଗଜପତି ଜିଲା ଗସ୍ତରେ ଆସି ପୋଲିସର କାର୍ଯ୍ୟକଳାପ ଅନୁଧାନ କହିଛନ୍ତି। ଏଥିସହ ଜିଲାରେ ବଢ଼ୁଥିବା ଗଞ୍ଜେଇ କାରବାରରେ ରୋକ୍ ଲଗାଇବା ପାଇଁ ରଣନୀତି ପ୍ରସ୍ତୁତ କରିଛନ୍ତି । ଡିଜି ପ୍ରଥମେ ଏସ୍‌ପିଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜିଲା ପୋଲିସର କାର୍ଯ୍ୟକଳାପ ଅନୁଧାନ କରିଥିଲେ। ଜିଲାର ଅଡବା, ମୋହନା ଓ ଆର. ଉଦୟଗିରି ଥାନାରେ ଗଞ୍ଜେଇ ଚାଲାଣ ନେଇ ମାମଲା ବଢ଼ୁଥିବାରୁ ଏଥିରେ ରୋକ ଲଗାଇବା ନେଇ ଜିଲାର ପୋଲିସ ଅଧିକାରୀଙ୍କ ସହ ଡିଜି ଆଲୋଚନା କରିଛନ୍ତି। ପରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ଓ ଗାରବନ୍ଧ ଥାନା ପରିଦର୍ଶନ କରିଥିଲେ।

### ଦମ୍ପତିଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

**ଗୋପାଳପୁର,୧୬।୧୦(ଡି.ଏନ.ଏ.):** ଗତ ୧୨ ତାରିଖରେ ଗୋପାଳପୁର ବେଳାଭୂମି ମୁହାଣରୁ ଠାବ ହୋଇଥିବା ମହିଳାଙ୍କ ମୃତଦେହର ପରିଚୟ ସ୍ପଷ୍ଟ ହୋଇଛି। ମୃତକ ହେଲେ ବ୍ରହ୍ମପୁର ମହାନଗର ନିଗମ ଗୋଇଲୁଣ୍ଡି ଅଞ୍ଚଳର ଏଲ.ଦମୟନ୍ତି ଆଚାରୀ। ତାହାର ଦୁଇଦିନ ପରେ ତାଙ୍କ ସ୍ୱାମୀ ଏଲ.ଚିରଞ୍ଜିବ ଆଚାରୀଙ୍କ ମୃତଦେହ ଚମାଖଣ୍ଡି ଥାନା ପୋଲିସ ଉପୁଲାପୁଟି ବେଳାଭୂମି ନିକଟରୁ ଠାବ କରିଥିଲା। ଏଲ.ଚିରଞ୍ଜିବ ଆଚାରୀ ଓ ଏଲ.ଦମୟନ୍ତି ଆଚାରୀ ଏକ ଛୋଟ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। କରୋନାରେ ପରିବାରରେ ଆର୍ଥିକ ବୋଝ ବଢ଼ି ଋଣଗ୍ରସ୍ତ ହୋଇପଡ଼ିଥିଲେ। ଏନେଇ ବିଭିନ୍ନ ସମୟରେ ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ ବୋଲି ପୋଲିସ ତଦନ୍ତରେ ଜାଣିବାକୁ ପାଇଛି। ଗତ ୧୨ରେ ଦୁହେଁ ଘରୁ ବାହାରକୁ ଯାଉଥିବା ପୁଅକୁ କହିଥିଲେ। ଏଥିସହ ପୁଅକୁ ୩ ହଜାର ଟଙ୍କା ଖର୍ଚ୍ଚ ପାଇଁ ରଖିବାକୁ କହିଥିଲେ। ପରେ ଚିରଞ୍ଜିବୀ ଓ ଦମୟନ୍ତି ଗୋପାଳପୁର ଆସି ମାନସିକ ଭାରସାମ୍ୟ ହରାଇ ଉଭୟେ ସମୁଦ୍ରକୁ ଯାଇ ଆତ୍ମହତ୍ୟା କରିଥିଲେ। ଏ ନେଇ ପୋଲିସ ୬,୨୩/୨୧ରେ ଦୁଇଟି ଅପମୃତ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ଯୁବକଙ୍କୁ ହତ୍ୟା ଉଦ୍ୟମ, କାରଣ ଅସ୍ପଷ୍ଟ

**ଫୁଲବାଣୀ ଅଫିସ,୧୬।୧୦:** ଫୁଲବାଣୀ-ଫିରିଙ୍ଗିଆ ମୁଖ୍ୟ ରାସ୍ତାର ସ୍ରାସାନାଣ୍ଡା ଟେଲାପାଲି ଗାଁ ନିକଟ ରାସ୍ତାକଡ଼ରୁ ଜଣେ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି । ସେ ହେଲେ ଟିକାବାଲି ଥାନା କଇଁଝର ପଞ୍ଚାୟତ ଖଣ୍ଡିକୁଟି ଗାଁର ପ୍ରମୋଦ କହଁର । କେହି ଦୁର୍ବୃତ୍ତ ତାଙ୍କ ବେକକୁ ହାଣି ହତ୍ୟା ଉଦ୍ୟମ କରିଛନ୍ତି । ଗୁରୁତର ଅବସ୍ଥାରେ ପ୍ରମୋଦଙ୍କୁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ହତ୍ୟା ଉଦ୍ୟମର କାରଣ ଅସ୍ପଷ୍ଟ ରହିଛି । ଗତ ୧୫ ତାରିଖରେ ଦଶହରା ପାଇଁ ମାମୁଘର ଟେଲାପାଲିକୁ ବୁଲିବାକୁ ଆସିଥିଲେ। ସନ୍ଧ୍ୟାରେ ସେ କେଉଁଆଡେ ଚାଲି ଯାଇଥିଲେ । ମାମୁଘର ଲୋକେ ତାଙ୍କୁ ବହୁ ଖୋଜାଖୋଜି କରି ପାଇ ନ ଥିଲେ । ସକାଳେ ପ୍ରମୋଦଙ୍କ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେବା ସହ ପ୍ରଥମେ ଫିରିଙ୍ଗିଆ ମେଡିକାଲ ନେଇଥିଲେ। ସେଠାରୁ ତାଙ୍କୁ ଫୁଲବାଣୀ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା ।

### ନଦୀରେ ବୁଡ଼ି ବୃଦ୍ଧ ମୃତ

**ଦିଗପହଣ୍ଡି,୧୬।୧୦(ଡି.ଏନ.ଏ.):** ଘୋଡ଼ାହାଡ଼ ନଦୀରେ ବୁଡ଼ି ଜଣେ ଦିବ୍ୟାଙ୍ଗ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ତିଳେଶ୍ୱର ଗ୍ରାମର ଡୁବୁ ପାତ୍ର (୫୮)। ବୃଦ୍ଧ ଜଣକ ଶୁକ୍ରବାର ତିଳେଶ୍ୱର ଗାଁ ପାର୍ଶ୍ୱରେ ଥିବା ଘୋଡ଼ାହାଡ଼ ନଦୀକୁ ସ୍ନାନ କରିବା ପାଇଁ ଯାଇଥିଲେ। ଅସାବଧାନତା କାରଣରୁ ନଦୀରେ ବୁଡି ଯାଇଥିଲେ। ସାନଖେମୁଣ୍ଡି ଅଗ୍ନିଶମ ବିଭାଗ ଅଧିକାରୀ ଜିତେନ୍ଦ୍ର ଭୋଇଙ୍କ ନେତୃତ୍ୱରେ ସମସ୍ତ କର୍ମଚାରୀମାନେ ପହଞ୍ଚି ନଦୀରୁ ବୃଦ୍ଧାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

# ମୁଖ୍ୟ କାର୍ଯ୍ୟ ନିର୍ବାହୀ ପଦବୀ ପ୍ରସ୍ତାବକୁ ବିରୋଧ


ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

**ବ୍ରହ୍ମପୁର ଅଫିସ,୧୬।୧୦**

- କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ସଂଘ ବୈଠକ
- କର୍ମଚାରୀଙ୍କ ଦରମା ବୃଦ୍ଧି ଦାବି

ସମବାୟ ସମିତି କର୍ମଚାରୀଙ୍କ ଦରମା ବୃଦ୍ଧି ଓ ବର୍ତ୍ତମାନ ସମିତିରେ କାର୍ଯ୍ୟରତ କର୍ମଚାରୀଙ୍କୁ ମୁଖ୍ୟ କାର୍ଯ୍ୟନିର୍ବାହୀ ପଦବୀରେ ନିଯୁକ୍ତି ପାଇଁ ବ୍ରହ୍ମପୁର କେନ୍ଦ୍ର ସମବାୟ ବ୍ୟାଙ୍କ ସମିତି କର୍ମଚାରୀ ସଂଘ ଦାବି କରିଛି। ଏ ନେଇ ସଂଘ ପକ୍ଷରୁ ଶନିବାର ଉତ୍ତରେଶ୍ୱର ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘ ପକ୍ଷରୁ କୁହାଯାଇଛି, ଗଞ୍ଜାମ ଓ ଗଜପତି ଏକ କୃଷିପ୍ରଧାନ ଜିଲା ହୋଇଥିବା ବେଳେ ଏଠାରେ ୭୦% ଅଧିବାସୀ କୃଷକ ତଥା ଗ୍ରାମାଞ୍ଚଳ ଆର୍ଥିକ ଅନଗ୍ରସର ଅଟନ୍ତି। ଗ୍ରାମାଞ୍ଚଳର ତୃଣମୂଳସ୍ତରରେ ଲୋକଙ୍କ ସାମାଜିକ ଓ ଆର୍ଥିକସ୍ତରରେ ବିକାଶ ପାଇଁ ସମବାୟ ସମିତି ଏକମାତ୍ର ବିକଳ୍ପ। ଏହି ଗୁରୁଦାୟିତ୍ୱକୁ ଠିକ୍ ଭାବେ ତୁଲାଇବା ପାଇଁ ସମିତିଗୁଡିକରେ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ଯଥା ବିନା ସୁଧରେ କୃଷି ଋଣ ଲଗାଣ, ରାସାୟନିକ ସାର ଓ ବିହନ ଯୋଗାଣ, କୃଷି ଯନ୍ତ୍ରପାତି ଯୋଗାଣ, ମିଳିତ ଦେୟ ଗୋଷ୍ଠୀ ମାଧ୍ୟମରେ ଭାଗ ଚାଷୀଙ୍କୁ ଋଣ ଲଗାଣ, ବଳରାମ ଯୋଜନା ସମେତ କୃଷକଙ୍କ ଉତ୍ପାଦନ ସାମଗ୍ରୀକୁ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟରେ ବିକ୍ରି କାର୍ଯ୍ୟ ସୁଚାରୁ ରୂପେ ତୁଲାଇବା ପାଇଁ ସମିତି କର୍ମଚାରୀ କାର୍ଯ୍ୟ ସମ୍ପାଦନ କରୁଛନ୍ତି। କିନ୍ତୁ କର୍ମଚାରୀମାନେ ସ୍ୱଳ୍ପ ଦରମାରେ ଦୁର୍ବିଷହ ଜୀବନ ଯାପନ କରୁଛନ୍ତି। ରାଜ୍ୟ ସରକାରଙ୍କର ଏଥିପ୍ରତି କୌଣସି ନିଘା ନ ଥିବା ସଂଘ ଅଭିଯୋଗ କରିଛି। ସମିତି କର୍ମଚାରୀଙ୍କ ଅକ୍ଳାନ୍ତ ପରିଶ୍ରମ ଓ ସହଯୋଗ ଯୋଗୁ ବିଭିନ୍ନ ସମୟରେ କୃଷକ କଲ୍ୟାଣ ଯୋଜନାକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରିବା ପାଇଁ ଉଚ୍ଚ ପଦାଧିକାରୀ ଲକ୍ଷ୍ୟ ଧାର୍ଯ୍ୟ ରଖି ତାହାକୁ ସଫଳ କରିବା ପାଇଁ ସମିତି କର୍ମଚାରୀଙ୍କୁ ତାଗିଦ୍ କରୁଛନ୍ତି। କିନ୍ତୁ କର୍ମଚାରୀଙ୍କ ଦରମା ବୃଦ୍ଧି କ୍ଷେତ୍ରରେ ନୀରବଦ୍ରଷ୍ଟା ସାଜୁଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ସମବାୟ ସମିତିରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନୂତନ ନିଯୁକ୍ତି ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତାବ କରାଯାଇଛି। ଏହାକୁ ସଂଘ ତୀବ୍ର ବିରୋଧ କରିଛି। ସମିତିରେ ବର୍ତ୍ତମାନ କାର୍ଯ୍ୟରତ କର୍ମଚାରୀଙ୍କୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପଦବୀରେ ନିଯୁକ୍ତି ପାଇଁ ସଂଘ ଦାବି କରିଛି। ନଚେତ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସଂଘ ଚେତାବନୀ ଦେଇଛି। ବୈଠକରେ ସଂଘ ସଭାପତି ସୀତାରାମ ପ୍ରଧାନ, ସମ୍ପାଦକ ନବ କୁମାର ପାଢ଼ୀ, କାମନା ସେଠୀ, ଅଶୋକ ପ୍ରଧାନ, ସାହେବ ପଣ୍ଡା ଓ ବୁଲୁ ଡାକୁଆଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ୬୦୦ ୟୁନିଟ୍‌ରୁ ଊର୍ଦ୍ଧ୍ୱ ରକ୍ତ ସଂଗ୍ରହ

**ବ୍ରହ୍ମପୁର ଅଫିସ,୧୬।୧୦**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ଶନିବାର ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଏବଂ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ସହଯୋଗରେ ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ବିଜୁ ପଟ୍ଟନାୟକ ସାଂସ୍କୃତିକ ଭବନ ପରିସରରେ ଆୟୋଜିତ ଶିବିରକୁ ଏମ୍‌ପି ଚନ୍ଦ୍ରଶେଖର ସାହୁ, ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଓ ବିଧାୟକ ପଣ୍ଡା ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଶିବିରକୁ ମହାନଗର ଯୁବ ବିଜେଡି ସଭାପତି ଅଜିତ ପଣ୍ଡା ଏବଂ ଜିଲା ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ସଂଯୋଜକ ସୁବାସ ଚନ୍ଦ୍ର ମହାରଣା ସଂଯୋଜନା କରିଥିଲେ। ପ୍ରଥମେ ବିଧାୟକ ବିକ୍ରମ ରକ୍ତଦାନ କରିଥିଲେ। କାର୍ଯ୍ୟକ୍ରମରେ ଦଳର ନେତା ସଂଜିତ ପାଣିଗ୍ରାହୀ, ତୁମ୍ବନାଥ ପଣ୍ଡା, ମଦନ ଦଳାଇ, ମହିଳା ବିଜେଡି ଜିଲା ସଭାନେତ୍ରୀ ସଂଘମିତ୍ରା ଦଳାଇ, ଟି. ପ୍ରେମାଞ୍ଜଳି, ପି. ଆଶାରାଣୀ ସହଯୋଗ କରିଥିଲେ।


ଶିବିରରେ ବିଧାୟକ ରକ୍ତଦାନ କରୁଛନ୍ତି ।

# ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିରର ସଫଳତା

**ବ୍ରହ୍ମପୁର ଅଫିସ,୧୬।୧୦**

**ଜେଇଇ ଆଡ୍‌ଭାନସ**

ଜେଇଇ ଆଡ୍‌ଭାନସ୍ ପରୀକ୍ଷା ଫଳରେ ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିର ସଫଳତା ହାସଲ କରିଛି। କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଜେଇଇ (ଆଡ୍‌ଭାନ୍ସଡ୍) -୨୦୨୧ ଅନ୍‌ଲାଇନ୍ ପରୀକ୍ଷା ଗତ ୩ ତାରିଖରେ ଅନୁଷ୍ଠିତ ହୋଇଥିଲା । ସାରା ଦେଶରୁ ଜେଇଇ (ମେନ୍) ଯୁଗ୍ମ ପ୍ରବେଶିକା ପରୀକ୍ଷାରେ ଯୋଗ୍ୟ ବିବେଚିତ ୧,୪୧,୬୯୯ ପରୀକ୍ଷାର୍ଥୀ ଜେଇଇ ଆଡ୍‌ଭାନ୍ସଡ୍ ପରୀକ୍ଷା ଦେଇଥିଲେ। ସେଥିରୁ ୪୧,୮୬୨ ଛାତ୍ରଛାତ୍ରୀ ଜେଇଇ (ଆଡ୍‌ଭାନ୍ସଡ୍) ପରୀକ୍ଷା ପାଇଁ କୃତକାର୍ଯ୍ୟ ହୋଇଛନ୍ତି। ସରସ୍ୱତୀ ବିଦ୍ୟାମନ୍ଦିର ନୀଳକଣ୍ଠନଗରରୁ ୬ ଜଣ ଛାତ୍ରୀଛାତ୍ର ଜେଇଇ (ଆଡ୍‌ଭାନ୍ସଡ୍) ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। କେ. ପ୍ରାଜଲ୍ ସୁବୁଦ୍ଧି (୪,୭୬୫) ର୍ୟାଙ୍କ୍, ବିଭୁ କଲ୍ୟାଣ ସାହୁ (୪,୮୨୫) ର୍ୟାଙ୍କ୍, ଅମିତ କୁମାର ପାତ୍ର (୫୪୨୨) ର୍ୟାଙ୍କ୍, ସୌରଭ ଜାମି(୮,୯୯୦), ଆଦିତ୍ୟ ସାହୁ(୧୨,୨୨୫) ର୍ୟାଙ୍କ୍ ଓ ବିଶ୍ୱଜିତ ବେହେରା (୧୫୮୯) ସର୍ବଭାରତୀୟ ସ୍ତରରେ ର୍ୟାଙ୍କ୍ ରଖି ଦେଶର ବିଭିନ୍ନ ଆଇଆଇଟିରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ସଫଳତା ପାଇଁ କୋଚିଂ ଡିଭିଜନ୍‌ର ଶିକ୍ଷକଙ୍କର ପ୍ରଚେଷ୍ଟାକୁ ଶ୍ରେୟ ଦିଆଯାଉଛି । ପ୍ରାଧ୍ୟାପକ ଗଙ୍ଗାଧର ପରିଡ଼ା, ଆଲୋକ ବଳ, ଅନିଲ କୁମାର ବିଶ୍ୱାଳ, ସରୋଜ କୁମାର, ନାଗେସ୍ ବାବୁ, ରାଜେନ୍ଦ୍ର କୁମାର ନାୟକ, ସ୍ନେହାଶିଷ ଭୂୟାଁ, କଲ୍ୟାଣ ଚକ୍ରବର୍ତ୍ତୀ, ପ୍ରଶାନ୍ତ ସାହୁ, ସନ୍ତୋଷ କୁମାର ପଣ୍ଡା, ସୌମ୍ୟ ପ୍ରକାଶ ସାହୁ, ପ୍ରତାପ କୁମାର ପାତ୍ର, ଜି. ସୁରେଶଙ୍କର ଉତ୍ସର୍ଗୀକୃତ ଶିକ୍ଷାଦାନ ପ୍ରଣାଳୀ ଦ୍ୱାରା ଏହି ସଫଳତା ପ୍ରାପ୍ତ ହୋଇଛି। ଛାତ୍ରୀଛାତ୍ରଙ୍କର ଆତ୍ମବିଶ୍ୱାସ ଏବଂ କଠୋର ପରିଶ୍ରମ ଦ୍ୱାରା ଏହା ସମ୍ଭବ ହୋଇପାରିଛି। ଏହି ସଫଳତା ପାଇଁ ବହୁ ଅଭିଭାବକଙ୍କ ସମେତ ପରିଚାଳନା କମିଟି ସଭାପତି ଡ. ଶ୍ରୀକାନ୍ତ ମହାପାତ୍ର, ଉପସଭାପତି ଡ. ହରିକୃଷ୍ଣ ନାୟକ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦିକା ଇଂ. ମମତା ପାଣିଗ୍ରାହୀ, କୋଷାଧ୍ୟକ୍ଷ ରବୀନ୍ଦ୍ରନାଥ ଜେନା, ସଦସ୍ୟ ନୀଳକଣ୍ଠ ସାହୁ, ସଦସ୍ୟା ବାସନ୍ତୀ ବେହେରା, ଉପଦେଷ୍ଟାମଣ୍ଡଳୀ ସଦସ୍ୟ ସୁଦର୍ଶନ ପାଢ଼ୀ, ଧର୍ମରାଜ ସାହୁ, ନରସିଂହ ଚୌଧୁରୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବି.ଗଜପତି ରାଓ, ହରିକୃଷ୍ଣ ପାଢ଼ୀ, ଅଧ୍ୟକ୍ଷ ଏସ୍.ମୋହନ ରାଓ, ପ୍ରଧାନାଚାର୍ଯ୍ୟ ଉମାଧବ ମହାନ୍ତି, ମହାବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ କୁମାର ପାଣିଗ୍ରାହୀ ଏବଂ କୋଚିଂ ଡିଭିଜନ୍‌ର ସମସ୍ତ ସଦସ୍ୟଙ୍କୁ ଆନ୍ତରିକ ଅଭିନନ୍ଦନ ଜ୍ଞାପନ କରିଛନ୍ତି ।

# ହତ୍ୟା କରି ରାସ୍ତାକଡ଼ରେ ଫିଙ୍ଗିଥିଲେ

**ବ୍ରହ୍ମପୁର ଅଫିସ,୧୬।୧୦**

**ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା**

- ୪ ଗିରଫ, ଅଟୋ ଜବତ

ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ (ଏନ୍‌ଏଚ୍) କଡ଼ରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣାରେ ପୋଲିସ ହତ୍ୟା ମାମଲା ରୁଜୁ କରି ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗୋପାଳପୁର ଜଙ୍କସନ୍ ନିବାସୀ ବାବୁ ଆଚାରୀ ଓରଫ୍ ଲିଙ୍ଗା, ତୁରା ନଡ଼ିଆ ତୋଟାସାହିର ଶଙ୍କର ଗୌଡ଼, ତୁରା ହନୁମାନ ମନ୍ଦିର ସାହିର ରାଜୁ ଓରଫ୍ ରାଜେନ୍ଦ୍ର ଗୌଡ଼ ଏବଂ ଶରଧାବାଲି ପ୍ରଥମ ଲାଇନର ଲିଟୁ ଓରଫ୍ ଲୋକନାଥ ମହାପାତ୍ର। ଏମାନଙ୍କ ନିକଟରୁ ମୃତଦେହ ନେବାରେ ବ୍ୟବହୃତ ହୋଇଥିବା ଏକ ଅଟୋ ମଧ୍ୟ ଜବତ କରାଯାଇଥିବା ଏଏସ୍‌ପି ପ୍ରଭାତ ରାଉତରାୟ ସୂଚନା ଦେଇଛନ୍ତି। ରାସ୍ତା କଡ଼ରେ ପଡ଼ିଥିବା ଯୁବକଙ୍କ ମୃତଦେହକୁ ଗତ ୭ ତାରିଖରେ ପୋଲିସ ଜବତ କରିଥିଲା। ପର୍ସରୁ ମିଳିଥିବା ଏକ ପରିଚୟପତ୍ରରେ ନାମ ସୁଧୀର କୁମାର ସାହୁ ଲେଖା ହୋଇଥିବା ବେଳେ ଘର ଠିକଣା ପୋଲସରା ରତନିସାହି ବୋଲି ଉଲ୍ଲେଖ ରହିଥିଲା। ତେଣୁ ପୋଲିସ ସେଥିରେ ପରିବାରବର୍ଗଙ୍କୁ ଖୋଜି ବାହାର କରିଥିଲା। ସୁଧୀର ଟ୍ରକ୍ ଡ୍ରାଇଭର୍ ଭାବେ କାମ କରୁଥିଲେ। ପୋଲିସ ପ୍ରାଥମିକ ପର୍ଯ୍ୟାୟରେ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ସୁଧୀରଙ୍କ ସ୍ତ୍ରୀ ସିଲି ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟକୁ ଆଧାର କରି ହତ୍ୟା ମାମଲା ରୁଜୁ ହୋଇଥିଲା। ସୁଧୀରଙ୍କ ମୋବାଇଲ୍ କଲ୍ ରେକର୍ଡ ଯାଞ୍ଚରୁ ପୋଲିସ ଜଣେ ଯୁବକଙ୍କୁ ସନ୍ଦେହରେ ଅଟକ ରଖିଥିଲା। ତାକୁ ଜେରା କରିବା ପରେ ହତ୍ୟା ଘଟଣାର ରହସ୍ୟ ଉନ୍ମୋଚନ ହୋଇଥିଲା। ଗତ ୫ତାରିଖ ରାତିରେ ଗୋପାଳପୁର ଜଙ୍କସନରେ ଭଡ଼ାଘରେ ରହୁଥିବା ବାବୁ ଏକ ଭୋଜିର ଆୟୋଜନ କରିଥିଲେ। ଭୋଜିରେ ସୁଧୀରଙ୍କ ସହିତ ଅନ୍ୟ ଅଭିଯୁକ୍ତମାନେ ମଧ୍ୟ ଯୋଗ ଦେଇଥିଲେ। କୌଣସି ଏକ କାରଣକୁ କେନ୍ଦ୍ରକରି ସୁଧୀର ଅନ୍ୟମାନଙ୍କ ସହିତ ଝଗଡ଼ା କରିଥିଲେ। ଏଥିରେ ବାବୁ ଉତ୍ତ୍ୟକ୍ତ ହୋଇ ହଠାତ ସୁଧୀରଙ୍କୁ ଜୋରରେ ଠେଲି ଦେଇଥିଲେ।

## ସର୍ଟଶର୍କିଟରୁ ସ୍କୁଟି ଜଳିଗଲା

**ପାତ୍ରପୁର,୧୬।୧୦(ଡି.ଏନ.ଏ.):** ଜରଡ଼ା ଥାନା ବୁରାତଲ ଗ୍ରାମର ଶିକ୍ଷକ ହାଡ଼ି ଶବରଙ୍କ ସ୍କୁଟି ଶର୍ଟଶର୍କିରୁ ଜଳିଯାଇଛି। ଶିକ୍ଷକ ସ୍କୁଟି ନେଇ କୌଣସି କାମରେ ଯାଉଥିବା ବେଳେ ଗାଡିରେ ହଠାତ୍ ନିଆଁ ଲାଗିଯାଇଥିଲା। ଶିକ୍ଷକ ପଛରୁ କିଛି ଲୋକଙ୍କ ପାଟି ଶୁଣି ଅଟକି ଯାଇଥିଲେ। ତେବେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଗାଡ଼ିଟି ପୋଡ଼ି ପାଉଁଶ ହୋଇଯାଇଥିବା ଅନୁମାନ କରାଯାଉଛି।






